# ସତ୍ୟବାକ୍ୟ

# THE WORD OF TRUTH

**MAY & JUNE 2017**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

*Edited and Published By*

***Joshua & Kabita Gootam***

## CHURCH OF CHRIST

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-23. May & June 2017. No-3**

***Published every two months in Oriya language for the Restoration of the pure New Testament Christianity***

---

## ISRAEL'S SIN & GOD'S LOVE FOR ISRAEL

**Text** : 'Therefore, behold, I will allure her, and bring her into the wilderness, and speak comfortably unto her. And I will give her, her vineyards from thence, and the valley of Achor for a door of hope : and she shall sing there, as in the days of her youth, and as in the day when she came up out of the land of Egypt (Hos. 2:14-15).

**Introduction :**

1. Hosea the son of Beeri was a prophet to the Northern Kingdom of Israel.
2. He prophesied the destruction of Israel.
3. Israel had committed many sins.

**Discussion :**

I. The reasons for the downfall of Israel.

A. The people were ignorant of God.

1. Fear of the Lord is the beginning of knowledge (Prov. 1:7).
2. They were commanded to teach their children the things concerning God (Deut. 6:7).
3. Since they rejected knowledge, the Lord had rejected them (Hos. 4:6b).

B. They were prideful.

1. Israel was full of pride (Hos. 5 : 5a)
2. Pride goes before the fall (Prov. 16:18).
3. The Lord commanded that Israel would fall (Hos. 5:5b)

C. Israel and Judah were double-minded.

1. They only sowed repentance for only a little while and turned back to their evil ways very quickly (Hos. 6:4).
2. They were not firm in their belief towards God to please Him.
3. They were very unstable (Jas. 1:8).

D. They loved worldliness things.

1. Their kings loved the wickedness and their princes loved lies (Hos. 7:3).

# ସତ୍ୟବାଣୀ

# VOICE OF TRUTH

**VOL - XXII KAKINADA MAR-APR-2017**



## ଜ୍ଞାନୀ କିଏ ?

### (Who is a wiseman ?)

"ତୁମ୍ଭମାନଙ୍କ ମଧ୍ୟରେ ଜ୍ଞାନୀ ଓ ବୁଦ୍ଧିମାନ କିଏ ଅଛି ? ସେ ଜ୍ଞାନ ସଙ୍ଗତ ନମ୍ରତା ସହ ସଦାଚରଣ ଦ୍ୱାରା ଆପଣା କର୍ମ ପ୍ରକାଶ କରୁ ।" (ଯାକୁବ ୩:୧୩)

ପ୍ରତ୍ୟେକ ସଦ୍‌ହୃଦୟୀ ଜ୍ଞାନ ଅନ୍ୱେଷଣକାରୀ । ମାନବର ସୃଷ୍ଟି ସମୟରୁ ସେ ଜ୍ଞାନପ୍ରାପ୍ତ ହେବାରେ ଲାଳସୀ । ଶୟତାନ ତାହାର ଆଜ୍ଞାପାଳନ କରିବା ଦ୍ୱାରା, ଆଦମ ଓ ହବା ଜ୍ଞାନୀ ହେବେ ବୋଲି ପ୍ରତିଜ୍ଞା କରିଥିଲା । (ଆଦି ୩:୪-୬) । ଧର୍ମଶାସ୍ତ୍ରରେ ସଦ୍‌ଜ୍ଞାନ ଓ ଅସତ୍ୟଜ୍ଞାନର ପ୍ରଭେଦ ଲେଖାଯାଏ । ଏହିଦ୍ୱୟ ମଧ୍ୟରେ ପାର୍ଥକ୍ୟ ଆମ୍ଭେମାନେ ଜାଣିବା ଆବଶ୍ୟକ । ସତ୍ୟଜ୍ଞାନ ଓ ସତ୍ୟଜ୍ଞାନୀ ବିଷୟରେ ଆମ୍ଭେମାନେ କିପରି ଜାଣିପାରିବା ? ବାକ୍ୟାନୁଯାୟୀ କିଏ ଜ୍ଞାନୀ ? ସେ କିପରି ଆପଣା ଜ୍ଞାନ ପ୍ରକାଶ କରେ ?

**୧) ଉତ୍ତମ ଜୀବନ ଯାପନ ଦ୍ୱାରା :** (ଯାକୁବ ୩:୧୩) । ମନୁଷ୍ୟମାନଙ୍କ ଜୀବନଶୈଳୀ ଦ୍ୱାରା ଜ୍ଞାନ ପ୍ରକାଶିତ ହୁଏ । ଆମ୍ଭମାନଙ୍କ ଦୈନିକ ଜୀବନ ଶୈଳୀ ଦ୍ୱାରା ଜ୍ଞାନ ପ୍ରକାଶିତ ହୁଏ । ଆମ୍ଭମାନଙ୍କ ଦୈନିକ ଜବୀନ ଶୈଳୀ ଦ୍ୱାରା ଆମ୍ଭେମାନଙ୍କ ଚରିତ୍ର ଅନ୍ୟମାନେ ଜାଣିପାରନ୍ତି । ଯାକୁବ କହନ୍ତି, ".....ଜ୍ଞାନସଙ୍ଗତ ନମ୍ରତା ସହ ସଦାଚରଣ ଦ୍ୱାରା ଆପଣା କର୍ମ ପ୍ରକାଶ କରୁ ।" ଜ୍ଞାନୀ ହେବା ଉତ୍ତମ ବିଷୟ, ମୂର୍ଖତା ହାନିକାରକ ।

ଜ୍ଞାନ ଓ ନମ୍ରତା ପରସ୍ପର ସଂଲଗ୍ନ । ଉଚ୍ଚ ଶିକ୍ଷିତ ପ୍ରତ୍ୟେକ ବିଦ୍ୱାନ ରୂପେ ପରିଗଣିତ ହେଲେ ସୁଦ୍ଧା, ନମ୍ରତା ବିନୁ "ଜ୍ଞାନୀ" ହୋଇପାରନ୍ତି ନାହିଁ । "କେହି

ଆପଣାକୁ ପ୍ରବଞ୍ଚନା ନ କରୁ । ଯଦି କୌଣସି ଲୋକ ଏହି ଯୁଗରେ ତୁମ୍ଭମାନଙ୍କ ମଧ୍ୟରେ ଆପଣାକୁ ଜ୍ଞାନୀ ବୋଲି ମନେ କରେ, ତେବେ ସେ ଯେପରି ଜ୍ଞାନୀ ହୋଇପାରେ ଏଥିପାଇଁ ସେ ମୂର୍ଖ ହେଉ । କାରଣ ଏହି ଜଗତର ଜ୍ଞାନ ଈଶ୍ୱରଙ୍କ ନିକଟରେ ମୂର୍ଖତା । ଯେଣୁ ଲେଖାଅଛି,''ସେ ଜ୍ଞାନୀମାନଙ୍କୁ ସେମାନଙ୍କର ମୂର୍ଖତାରେ ଧରନ୍ତି ।'' (୧ମ କରିନ୍ଥୀ ୩:୧୮,୧୯)

**୨) ''ଯେ ପରାମର୍ଶ ଶୁଣେ, ସେ ଜ୍ଞାନୀ'' :** ''ଅଜ୍ଞାନର ପଥ ତାହାର ନିଜ ଦୃଷ୍ଟିରେ ଯଥାର୍ଥ, ମାତ୍ର ଯେ ଜ୍ଞାନବାନ୍ ସେ ପରାମର୍ଶ ଶୁଣେ ।'' (ହିତ ୧୨:୧୫) । ମୂର୍ଖ ଉପଦେଶ ଶୁଣେ ନାହିଁ । କିନ୍ତୁ ଜ୍ଞାନୀ ଉପଦେଶ ଶୁଣି, ଅନୁସରଣ କରେ । ''ମନ୍ତ୍ରଣା ଓ ତତ୍ତ୍ୱଜ୍ଞାନ ମୋ ଠାରେ ଥାଏ, ମୁଁ ହିଁ ସୁବିବେଚନା, ମୋ ଠାରେ ବଳ ଅଛି ।'' (ହିତ ୮:୧୪) । ମୂର୍ଖମାନଙ୍କ ଜୀବନରେ ସୁବେଚନାର ସ୍ଥାନ ନାହିଁ । କଠିନ ସମସ୍ୟାର ସମ୍ମୁଖୀନ ହେବା ପରେ ସେମାନଙ୍କ ଜ୍ଞାନୋଦୟ ହୁଏ ।

ଜ୍ଞାନହୀନ ସମାଜର ପତନ ହେବ । ଜ୍ଞାନୀମାନଙ୍କ ଉପଦେଶ, ସମାଜ ନିମନ୍ତେ ନିରପଦାତା । ''ମନ୍ତ୍ରଣା ଓ ତତ୍ତ୍ୱଜ୍ଞାନ ମୋ ଠାରେ ଥାଏ, ମୁଁ ସୁବିବେଚନା, ମୋ ଠାରେ ବଳ ଅଛି ।'' (ହିତ ୮:୧୪) । ''ମୂର୍ଖର କର୍ଣ୍ଣଗୋଚରରେ କଥା କୁହ ନାହିଁ, ଯେହେତୁ ସେ ତୁମ୍ଭବାକ୍ୟର ବିଜ୍ଞତା ତୁଚ୍ଛ କରିବ ।'' (ହିତ ୨୩:୯) । ପରାମର୍ଶ ଅଗ୍ରାହ୍ୟକାରୀମାନେ ମୂର୍ଖତା ନିଶ୍ଚୟତା ନିଅନ୍ତି । (ହିତ ୨୩:୯) ଜ୍ଞାନୀମାନଙ୍କ ପରାମର୍ଶ ଆପଣ କି ଗ୍ରହଣ କରୁଅଛନ୍ତି ? ''ଜ୍ଞାନ ସର୍ବଶ୍ରେଷ୍ଠ ବିଷୟ, ଏଣୁ ଜ୍ଞାନ ଲାଭ କର, ପୁଣି ତୁମ୍ଭର ସବୁ ଲାଭ ମଧ୍ୟରେ ସୁବିବେଚନା ଲାଭ କର ।'' (ହିତ ୪:୭) । ''ଆମ୍ଭେମାନେ ଯେପରି ଜ୍ଞାନବିଶିଷ୍ଟ ଅନ୍ତଃକରଣ ପାଇପାରିବୁ, ଏଥିପାଇଁ ଆମ୍ଭମାନଙ୍କ ଆପଣା ଆପଣା ଦିନର ଗଣନା କରିବାକୁ ଶିକ୍ଷା ଦିଅ ।'' (ଗୀତ ୯୦:୧୨)

**୩) ଯେଉଁ ଜନ ଭୟ କରେ ଓ ମନ୍ଦରୁ ଦୂରରେ ରହେ :** ଏଠାରେ ଭୟର ଅର୍ଥ 'ଜାଗ୍ରତ' । ମନ୍ଦର ପ୍ରତିଫଳ କଅଣ ବୁଝିବା ଲୋକ ଜ୍ଞାନୀ । ମନ୍ଦ ଓ ପାପର ପ୍ରତିଫଳ ଜାଣି ତାହା ପରିତ୍ୟାଗ କରିବା ଜ୍ଞାନଯୁକ୍ତ କାର୍ଯ୍ୟ । (ଏବ୍ରୀ ୩:୧୩, ୧ମ ଥେସ ୫:୨୨) । ପାପ, ସୁଖ ପ୍ରତିଜ୍ଞା କରେ, କିନ୍ତୁ ଦୁଃଖ ଦିଏ । ''ଚତୁର'' ଲୋକ ବିପଦ ଦେଖି ଆପଣାକୁ ଲୁଚାଏ, ମାତ୍ର ଲୋକମାନେ ଆଗ ବଢ଼ି ଶାସ୍ତି ପାଆନ୍ତି ।''

(ହିତ ୨୨:୩) । ପୋଟୀଫରଙ୍କ ଭାର୍ଯ୍ୟାଙ୍କ ଯୌନିକ ପ୍ରଲୋଭନରୁ ଯୋସେଫ ପଳାୟନ କରି, ଆପଣାକୁ ପାପରୁ ରକ୍ଷା କରିଥିଲେ । (ଆଦି ୩୯:୭-୧୨) । ସଦାପ୍ରଭୁଙ୍କୁ ଭୟ କରି, ମନ୍ଦତାରୁ ବିମୁଖ ହେବା ଜ୍ଞାନବାନର କାର୍ଯ୍ୟ (ହିତ ୩:୭) । ''....ଦେଖ, ପ୍ରଭୁ ବିଷୟକ ଭୟ ହିଁ ଜ୍ଞାନ ଓ କୁକ୍ରିୟା ତ୍ୟାଗୀ ହିଁ ବୁଦ୍ଧି ।'' (ଆୟୁବ ୨୮:୨୮) । ମନ୍ଦ ତ୍ୟାଗ କରିବା ମୂଢ଼ର ବିଷୟ, କିନ୍ତୁ ଜ୍ଞାନୀ ନିମନ୍ତେ ହିତକର ।

**୪) ପିତାମାତାଙ୍କୁ ସମ୍ମାନ କରିବା ଜ୍ଞାନଯୁକ୍ତ :** ସନ୍ତାନମାନେ ପିତାମାତାଙ୍କ ଆଜ୍ଞାବହ ହେବା ନିମନ୍ତେ ଆଜ୍ଞାପିତ ହୋଇଅଛନ୍ତି । (ଏଫିସୀ ୬:୨, କଲସୀ ୩:୨୦) । ସଦାପ୍ରଭୁଙ୍କ ଠାରେ ଭୟ ଥିବା ପିତାମାତାଙ୍କ ସେମାନଙ୍କ ସନ୍ତାନମାନଙ୍କ ଠାରେ ଅଧିକ ଅନୁଭୂତି ପ୍ରାପ୍ତ । ସେମାନଙ୍କ ବୟସ, ଅନୁଭୂତି ଓ ଜ୍ଞାନ ନିମନ୍ତେ, ସେମାନେ ଅଧିକ ସମାଦର ପାଏ । ''ଜ୍ଞାନମାନ ପୁତ୍ର ଅପେକ୍ଷା ପିତାର ଉପଦେଶ ଶୁଣଇ, ମାତ୍ର ନିନ୍ଦକ ଶୁଣେ ନାହିଁ ।'' (ହିତ ୧୩:୧) । ''ଅଜ୍ଞାନ ଆପଣା ପିତାର ଶାସନ ହେଳା କରେ, ପୁଣି ଅନୁଯୋଗ ଯେ ଘେନଇ, ସେ ବୁଦ୍ଧିପ୍ରାପ୍ତ ହୁଏ ।'' (ହିତ ୧୫:୫) ଯୀଶୁଙ୍କ ସମକାଳୀନ ଫାରୁଶୀ ଓ ଶାସ୍ତ୍ରୀମାନଙ୍କୁ, ଯୀଶୁ ଏ ବିଷୟ ନେଇ ଅନୁଯୋଗ କରିଥିଲେ । (ମାଥିଉ ୧୫:୪-୬) ଆଜିର ସମାଜରେ ମଧ୍ୟ, ଅନେକ ବୃଦ୍ଧ ପିତାମାତା, ଆପଣା ସନ୍ତାନସନ୍ତତିମାନଙ୍କ ସଂରକ୍ଷଣ ବିନୁ କ୍ଳେଶ ଭୋଗୁ ଅଛନ୍ତି ।

**୫) ଯେ ଆପଣା ଓଷ୍ଠାଧର ଦମନ କରେ, ସେ ଜ୍ଞାନୀ (ହିତ ୧୦:୧୯) :** ''ଯେଣୁ ଯେ ଜୀବନର ସୁଖଭୋଗ କରିବାକୁ ପୁଣି ମଙ୍ଗଳର ଦିନ ଦେଖିବାକୁ ଇଚ୍ଛା କରେ, ସେ ମନ୍ଦବାକ୍ୟରୁ ଆପଣା ଜିହ୍ୱାକୁ ଆଉ ପ୍ରବଞ୍ଚନା ବାକ୍ୟରୁ ଆପଣା ଓଷ୍ଠାଧାରକୁ ନିବୃତ୍ତ କରୁ ।'' (୧ମ ପିତର ୩:୧୦) । ଆପଣା ଓଷ୍ଠାଧାରକୁ ନିବୃତ୍ତ କରିବା ପାଇଁ କାହିଁକି କୁହାଯାଏ ? ବାକ୍ୟ କହେ,''ବହୁ ବାକ୍ୟରେ ଅଧର୍ମର ଅଭାବ ନ ଥାଏ...'' (ହିତ ୧୦:୧୯) । ଯେ ଆପଣା ମୁଖ ଓ ଜିହ୍ୱା ରକ୍ଷା କରଇ, କ୍ଳେଶରୁ ଆପଣା ପ୍ରାଣ ରକ୍ଷା କରଇ ।'' (ହିତ ୨୧:୨୩) । ମିଥ୍ୟା, ଶାପଦେବା, କୁତ୍ସିତ ବାକ୍ୟ ଉଚ୍ଚାରଣ କରିବା, ଛଳନା, ଅକାରଣରେ ପ୍ରଶଂସା କରିବା, ଭର୍ତ୍ସନା, ନିନ୍ଦା ପ୍ରଭୃତି ଓଷ୍ଠାଧାର ଜନିତ ପାପ । ଏପରି କାର୍ଯ୍ୟ ସବୁଠାରୁ ନିବୃତ୍ତି ନ ରହି, ''ହେ ସଦାପ୍ରଭୁ, ମୋ ମୁଖ ଆଗରେ ପ୍ରହରୀ ନିଯୁକ୍ତ କର, ମୋ ଓଷ୍ଠାଧାର କବାଟ ରକ୍ଷା

କର ।'' (ଗୀତ ୧୪୧:୩) ବୋଲି ପ୍ରାର୍ଥନା କରିବା ବ୍ୟର୍ଥ । ଆସ ଆମ୍ଭେମାନେ ଜିହ୍ୱାରେ ପାପ ନ କରିବା ପାଇଁ ଆପଣା ପଥରେ ସାବଧାନ ରହୁ । (ଗୀତ ୧୩୯:୧)

**୬) ଯେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ପାଳନ କରେ, ସେ ଜ୍ଞାନୀ (ମାଥିଉ ୭:୨୪-୨୭) :** ''ଯେ ଈଶ୍ୱରଙ୍କ ଠାରୁ ଉତ୍ପନ୍ନ, ସେ ଈଶ୍ୱରଙ୍କ ବାକ୍ୟ ଶୁଣେ....'' (ଯୋହନ ୮:୪୭) । ଏଠାରେ ଶ୍ରବଣ କରିବାର ଅର୍ଥ, ଶୁଣି ଗ୍ରହଣ କରିବା । ତାହାଙ୍କ ବାକ୍ୟ ପାଳନ କରିବା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ କାର୍ଯ୍ୟ । ''ସାର କଥା ଏହି, ସବୁ ଶୁଣାଯାଇଅଛି, ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।'' (ଉପଦେଶକ ୧୨:୧୩) । ଅନେକଙ୍କ ନିମନ୍ତେ ଜାଗତିକ ବିଷୟ ପ୍ରାଧାନ୍ୟତାର ବିଷୟ । ଭୋଜନ, ପାନ, ସୁଖାଭିଳାଷ ହିଁ ଜୀବନର ଲକ୍ଷ୍ୟ ନ ହୋଇ, ପରମେଶ୍ୱରଙ୍କ ଆଜ୍ଞାପାଳନ କରିବା ଓ ତାହାଙ୍କ ନାମ, ଗୌରବାନ୍ୱିତ କରିବା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ । (୧ମ କରିନ୍ଥୀ ୧୦:୩୧) ।

କେବଳ ଶ୍ରବଣ କରିବା ଯଥେଷ୍ଟ ନୁହେଁ, ''ଶ୍ରୋତା ମାତ୍ର ହୋଇ ଆପଣମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ ।'' (ଯାକୁବ ୧:୨୨) । ବାକ୍ୟର ଅନୁକାରୀମାନେ ସୁସମାଚାରରେ ନିହିତ ଆଶୀର୍ବାଦ ସକଳ ପ୍ରାପ୍ତ ହେବ ।

**୭) ଆତ୍ମା ରକ୍ଷଣାର୍ଥେ କାର୍ଯ୍ୟ କରିବା ଲୋକ, ସେ ଜ୍ଞାନୀ :** ''.....ପୁଣି ଯେ ଜ୍ଞାନବାନ ସେ (ଅନ୍ୟମାନଙ୍କର) ଆତ୍ମା ଲାଭ କରେ ।'' (ହିତ ୧୧:୩୦) । ଆତ୍ମା ଲାଭ କରିବା ସର୍ବଶ୍ରେଷ୍ଠ କାର୍ଯ୍ୟ, କାରଣ ଯୀଶୁଖ୍ରୀଷ୍ଟ ମନୁଷ୍ୟର ଆତ୍ମାକୁ ଜଗତର ସମସ୍ତ ପଦାର୍ଥରୁ ମୂଲ୍ୟବାନ ରୂପେ ତୁଳନା କରନ୍ତି । (ମାଥିଉ ୧୬:୨୬) । ମନୁଷ୍ୟର ଆତ୍ମା କେବଳ ଚିରନ୍ତନ ଏବଂ ଅନ୍ୟ ସବୁ ମାଟିରେ ଲୀନ ହେବ । (ଉପଦେଶକ ୧୨:୭ ଓ ୧ମ ତୀମଥି ୬:୭) । ଆପଣ କେତୋଟି ଆତ୍ମା ପରମେଶ୍ୱରଙ୍କ ନିମନ୍ତେ ଲାଭ କରିପାରିଅଛନ୍ତି ? ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ, ସର୍ବସୃଷ୍ଟିକୁ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । (ମାର୍କ ୧୬:୧୫) । ବିନା ଆତ୍ମା ଲାଭରେ ଆମ୍ଭେମାନେ କିପରି ବିଚାରଦିନରେ ତାହାଙ୍କ ବିଚାର ସିଂହାସନର ସମ୍ମୁଖୀନ ହେବା ? (ଯିହିଜିକଲ ୩୩:୮,୯)

୮)	**ଯେ ପ୍ରସ୍ତୁତ, ସେ ଜ୍ଞାନୀ :** ''....ତୁମ୍ଭେ ଆପଣା ପରମେଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ପ୍ରସ୍ତୁତ ହୁଅ ।'' (ଆମୋ ୪:୧୨) । ଅନନ୍ତ ଜୀବନ ନିମନ୍ତେ ପ୍ରସ୍ତୁତ ନ ହେବା ମୁର୍ଖତାର ବିଷୟ । ଏକ ଜ୍ଞାନବାନ ବ୍ୟକ୍ତି, ତୁଫାନ ଆସିବା ପୂର୍ବେ ଆପଣା ଗୃହ ସୁଦୃଢ଼ କରେ । (ମାଥିଉ ୭:୨୪-୨୭) ଦ୍ୱିତୀୟରେ, ଜ୍ଞାନୀ କନ୍ୟା, ଆପଣା ବର ନିମନ୍ତେ ପ୍ରସ୍ତୁତ ରହେ । (ମାଥିଉ ୨୫:୧-୧୩) । ଜ୍ଞାନୀ ସର୍ବଦା ପ୍ରସ୍ତୁତ ରହେ । ଆସନ୍ତାକାଲି ନିମନ୍ତେ ଅପେକ୍ଷା କରେ ନାହିଁ, ଆସନ୍ତାକାଲି ଜୀବନରେ ଆସି ନ ପାରେ ।

**- Douglas Harris**

❋ ❋ ❋

## ଓସାର ଦ୍ୱାର ଓ ପ୍ରଶସ୍ତ ପଥର ଯାତ୍ରୀ
### (Travellers of Broad way)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ସର୍ବୋତ୍କୃଷ୍ଟ ଶିକ୍ଷକ ଅଟନ୍ତି । ସେ ଜଗତରେ ଜୀବନଯାପନ କରିବା ସମୟରେ ଅନେକ ଦୃଷ୍ଟାନ୍ତ ଦ୍ୱାରା ମନୁଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ । ଦୈନିକ ଜୀବନରେ ଆମ୍ଭେମାନେ ଦେଖୁଥିବା, ବ୍ୟବହାର କରୁଥିବା ବିଷୟ ଗୁଡ଼ିକ ଦ୍ୱାରା ସେ ଜନସମୂହକୁ ଶିକ୍ଷା ଦେଉଥିଲେ । ଉଦାହରଣ ସ୍ୱରୂପ :- ଲବଣ, ଜ୍ୟୋତି, ଓସାର ଦ୍ୱାର, ପ୍ରଶସ୍ତ ପଥ, ପଥର ମୂଳଦୂଆ, ମାଟି ମୂଳଦୂଆ ପ୍ରଭୃତି ।

ଆମ୍ଭମାନଙ୍କ ଜଗତରେ ଏହି ଜୀବନକୁ ଅନେକ ଭକ୍ତ ଅନେକ ଭାବେ ତୁଳନା କରନ୍ତି । ପ୍ରେରିତ ପିତର ଏହାକୁ ଏକ ଯାତ୍ରା ଓ ଆମ୍ଭମାନଙ୍କୁ ଯାତ୍ରୀ ରୂପେ ବର୍ଣ୍ଣନା କରନ୍ତି । (୧ମ ପିତର ୧:୩, ୨ ପିତର ୨:୧୧, ପ୍ରେରିତ ପାଉଲ ମଧ୍ୟ କହନ୍ତି, ''.......ମୁଁ ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି ....'' (୨ ତୀମଥି ୪:୭) ।

ମାଥିଉ ୭:୧୩ ପଦରେ ଯୀଶୁ କହନ୍ତି, ''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାରା ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ ।'' (ଲୂକ ୧୩:୨୪) । ସର୍ବନାଶକୁ କିଅବା ନରକକୁ ଈଶ୍ୱରଙ୍କ ବାକ୍ୟ ସେମାନଙ୍କ ବିଷୟରେ କଅଣ କହେ ।

୧) ଈଶ୍ୱରଙ୍କ ଅସ୍ତିତ୍ୱ ନାସ୍ତି କରିବା ମନୁଷ୍ୟମାନେ :- ରାଜା ଦାଉଦ କହନ୍ତି, ''ପରମେଶ୍ୱର ନାହାନ୍ତି ବୋଲି ମୂର୍ଖ ଆପଣାମାନେ କହିଅଛନ୍ତି । ସେମାନେ ଭ୍ରଷ୍ଟ, ସେମାନେ ଘୃଣ୍ୟ ଯୋଗ୍ୟ ଅଧର୍ମ କରିଅଛନ୍ତି, କେହି ସତ୍କର୍ମ କରେ ନାହିଁ....ସେମାନଙ୍କର ପ୍ରତ୍ୟେକ ବିପଥରେ ଯାଇଅଛନ୍ତି, ସେ ସମସ୍ତେ ଅଶୁଚି ହୋଇଅଛନ୍ତି, ସେମାନଙ୍କର ପ୍ରତ୍ୟେକ ବିପଥରେ ଯାଇଅଛନ୍ତି, ସମସ୍ତେ ଅଶୁଚି ହୋଇଅଛନ୍ତି...... ପୁଣି ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରନ୍ତି ନାହିଁ ।'' (ଗୀତ ୫୩:୧-୪, ୧୪:୧)

୨) ଏହି ଜଗତରେ ଏପରି ବର୍ଗର ଲୋକେ ଅଛନ୍ତି, ଯେଉଁମାନେ ଅନେକ ଦେବାଦେବୀଙ୍କ ଠାରେ ବିଶ୍ୱାସ କରନ୍ତି । କିନ୍ତୁ ଜଗତର କୌଣସି ଦେବ ବା ଦେବୀ ମନୁଷ୍ୟକୁ ତାହାର ପାପରୁ ମୁକ୍ତ କରି ନ ପାରେ । ପବିତ୍ର ଶାସ୍ତ୍ର କହେ, ''ତାହାଙ୍କ (ଯୀଶୁଖ୍ରୀଷ୍ଟ) ଛଡ଼ା ଆଉ କାହା ଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ । (ପ୍ରେରିତ ୪:୧୨) । ଏହି ବର୍ଗର ଲୋକେ ଓସାର ଓ ପ୍ରଶସ୍ତ ମାର୍ଗରେ ଯାତ୍ରା କରୁଅଛନ୍ତି । ଏମାନଙ୍କ ଅନ୍ତ ବିନାଶ ।

୩) ଏହି ଜଗତରେ ଆଉ ଅନ୍ୟ ଏକ ବର୍ଗର ଲୋକେ ଅଛନ୍ତି । ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ଅନେକ ଦେବମାନଙ୍କ ମଧ୍ୟରେ ଏକ ଦେବତାରୂପେ ବିଶ୍ୱାସ କରନ୍ତି, କିନ୍ତୁ ଶାସ୍ତ୍ର ଅନୁଯାୟୀ, ମନୁଷ୍ୟମାନଙ୍କ ପାପକ୍ଷମା ଓ ପରିତ୍ରାଣ ନିମନ୍ତେ ସର୍ବପରିସ୍ଥ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ମାନବ ଶରୀର ଧାରଣ କରି, କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ । ତାହାଙ୍କ ଦ୍ୱାରା ହିଁ ମନୁଷ୍ୟମାନଙ୍କ ମୁକ୍ତି । ଏହି ବର୍ଗର ଲୋକେ ମଧ୍ୟ ଓସାର ଓ ପ୍ରଶସ୍ତ ମାର୍ଗରେ ଯାତ୍ରା କରୁଅଛନ୍ତି ।

୪) ଏହି ଜଗତରେ ଅନ୍ୟ ଏକ ବର୍ଗର ଲୋକେ ଅଛନ୍ତି, ଯେଉଁମାନେ ତାହାଙ୍କ ଠାରେ ବିଶ୍ୱାସ କରନ୍ତି ନାହିଁ । ଏମାନଙ୍କ ବିଷୟରେ ପବିତ୍ର ଶାସ୍ତ୍ର କହେ, ''ମୋତେ

ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ।'' (ମାଥିଉ ୪:୨୧)। ପିତା ପରମେଶ୍ୱରଙ୍କ ଇଚ୍ଛା ନ କରିବା ପ୍ରତ୍ୟେକ ଓସାର ଓ ପ୍ରଶସ୍ତ ମାର୍ଗରେ ଯାତ୍ରା କରୁଅଛନ୍ତି।

୫) ଅନେକେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହୁଅନ୍ତି। କିନ୍ତୁ ଖ୍ରୀଷ୍ଟିୟ ଜୀବନରେ ଅଗ୍ରସର ନ ହୋଇ, ଖ୍ରୀଷ୍ଟଙ୍କ ଠାରୁ ବିଚ୍ଛିନ୍ନ ହୁଅନ୍ତି। ଯୀଶୁ କହିଲେ, ''ମୁଁ ପ୍ରକୃତ ଦ୍ରାକ୍ଷାଲତା, ପୁଣି ମୋହର ପିତା କୃଷକ.... ତୁମ୍ଭେମାନେ ଶାଖା, ମୋ ଠାରେ ରହେ, ତାହା ହେଲେ ସେ ଶାଖା ପରି ବାହାରେ ପକାଇ ଦିଆଯାଏ ଓ ଶୁଖିଯାଏ, ପୁଣି ଲୋକେ ସେଗୁଡ଼ାକ ଏକାଠି କରି ନିଆଁରେ ପକାଇ ଦିଅନ୍ତି ଓ ସେଗୁଡ଼ିକ ପୋଡ଼ିଯାଏ।'' (ଯୋହନ ୧୫:୧-୬)। ଖ୍ରୀଷ୍ଟଙ୍କ ଠାରୁ ଦୂରରେ ରହିବା ଖ୍ରୀଷ୍ଟିୟାନମାନେ ଓସାର ଓ ପ୍ରଶସ୍ତ ମାର୍ଗରେ ଯାତ୍ରା କରୁଅଛନ୍ତି।

ପ୍ରେରିତ ପାଉଲ ଯେଉଁ ବିଜାତୀମାନେ ଖ୍ରୀଷ୍ଟଙ୍କ ବିଶ୍ୱାସ କରି ବାପ୍ତିଜିତ ହୋଇଥିଲେ, ସେମାନଙ୍କୁ କେଉଁମାନେ ସ୍ୱର୍ଗରାଜ୍ୟରେ ଅର୍ଥାତ୍ ଅନନ୍ତ ଜୀବନର ଅଧିକାରୀ ହେବେ ନାହିଁ ସେମାନଙ୍କ ବିଷୟରେ କହନ୍ତି, ''ଶରୀରର କାର୍ଯ୍ୟଗୁଡ଼ିକ ତ ସ୍ପଷ୍ଟ ରୂପେ ଜଣା - ବ୍ୟଭିଚାର, ଅଶୁଚିତା, ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମା ପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଇର୍ଷା, ମତ୍ତତା, ରଙ୍ଗରସ, ଇତ୍ୟାଦି ପ୍ରକାର କର୍ମଗୁଡ଼ିକ.... ଯେଉଁମାନେ ଏହିସବୁ କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ।'' ୯ଗାଲାତୀ ୫:୧୯-୨୧)। ଏପରି କୁକର୍ମକାରୀମାନେ ଓସାର ଓ ପ୍ରଶସ୍ତ ପଥର ଯାତ୍ରୀ। ସେମାନଙ୍କ ଅନ୍ତ ବିନାଶ।

ବିଜାତୀୟ ଏଫିସୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କହନ୍ତି, ''ଅତଏବ ମିଥ୍ୟା ପରିତ୍ୟାଗ କରି ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ଆଳାପ କର..... କ୍ରୁଦ୍ଧ ହେଲେ ପାପ କର ନାହିଁ, ସୂର୍ଯ୍ୟ ଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର.... ଚୋର ଆଉ ଚୋରି ନ କରୁ, ତୁମ୍ଭମାନଙ୍କ ମୁଖରୁ କୌଣସି କୁବାକ୍ୟ ନିର୍ଗତ

ନହେଉ.... ସମସ୍ତ ପ୍ରକାର କଟୁଭାବ, ରାଗ, କ୍ରୋଧ, କଳହ ଓ ନିନ୍ଦା, ପୁଣି ସମସ୍ତ ପ୍ରକାର ହିଂସା ତୁମ୍ଭମାନଙ୍କର ଠାରୁ ଦୂର ହେଉ ।'' (ଏଫିସୀ ୪:୨୫-୩୧) (ରୋମୀୟ ୧:୨୯-୩୦) ପରବର୍ତ୍ତୀ ବଚନମାନଙ୍କରେ ସେ କହନ୍ତି, ''ବ୍ୟଭିଚାର.... ଅଶୁଚିତା....କୁତ୍ସିତ ବ୍ୟବହାର ବା ଅସାର କଥା ବା ହାସ୍ୟ ପରିହାସ .... ଅଶୁଦ୍ଧାକାରୀ ବ୍ୟକ୍ତି ବା ଲୋଭୀ ସେ ତ ଦେବପୂଜିତ । ଏମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କ ରାଜ୍ୟରେ ଅଧିକାର ନାହିଁ ।'' (ଏଫିସୀ ୫:୩-୫, କଲସୀ ୩:୫-୯) ଏପରି କୁକର୍ମ କାରୀମାନେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, କାରଣ ଏମାନେ ଓସାର ଓ ପ୍ରଶସ୍ତ ମାର୍ଗର ଯାତ୍ରୀ ।

କଲସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ମଧ୍ୟ ପ୍ରେରିତ ପାଉଲ, ଉପରୋକ୍ତ କୁକର୍ମ ସବୁ ଠାରୁ ଦୂରରେ ରହିବାକୁ ସତର୍କ କରନ୍ତି । ବ୍ୟଭିଚାର, ହତ୍ୟା, ମିଥ୍ୟା, ଚୋର, ମୁଖରୁ କୁତ୍ସିତ ବାକ୍ୟ, ପ୍ରତିମା ପୂଜା ରୂପ ଲୋଭ ଆମ୍ଭମାନଙ୍କ ଓସାର ଓ ପ୍ରଶସ୍ତ ପଥର ଯାତ୍ରୀ କରାଏ । ଯୀଶୁ କହିଲେ, ''.....ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ ।'' (ଲୂକ ୧୨:୧୫) ''ତୁମ୍ଭେ ଅପାଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ, ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା କି ଦାସ କି ଦାସୀ କି ତାହାର ଗୋରୁ, କି ଗଧ, କି ତୁମ୍ଭ ପ୍ରତିବାସୀର କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।'' (ଯାତ୍ରା ୨୦:୧୭) । ଏହା ସଦାପ୍ରଭୁଙ୍କ ଦତ୍ତ ଦଶ ଆଜ୍ଞାରୁ ଅନ୍ୟତମ ଆଜ୍ଞା । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ହନନୀୟ ଓ ସଫୀରାଙ୍କ ଲୋଭତ୍ୱର କାହାଣୀ ଆମ୍ଭେମାନେ ପ୍ରେରିତମାନଙ୍କ ପୁସ୍ତକର ପଞ୍ଚମ ଅଧ୍ୟାୟରେ ପଢ଼ିଥାଉଁ । ପ୍ରତିମା ପୂଜା ରୂପ ଲୋଭୀମାନେ ଓସାର ଓ ପ୍ରଶସ୍ତ ପଥର ଯାତ୍ରୀ । ବିନାଶ ସେମାନଙ୍କ ଶେଷ ଗତି ।

ପ୍ରେରିତ ପଉଲ ଫିଲିପୀ ୩:୧୪ ପଦରେ ବିନାଶ ପଥ ଆଉ ଏକ ଯାତ୍ରୀ ବିଷୟରେ କହନ୍ତି, ''ସେମାନଙ୍କ ପରିଣାମ ବିନାଶ, ଉଦର ସେମାନଙ୍କର ଦେବତା, ସେମାନେ ଆପଣା ଆପଣା ଲଜ୍ଜାକୁ ଦର୍ପର ବିଷୟ ମନେ କରନ୍ତି ।'' ପ୍ରେରିତ ପାଉଲ

ବୟୋଧିକା ସ୍ତ୍ରୀମାନଙ୍କୁ ପରନିନ୍ଦୁକା ଓ ମଦ୍ୟପାନରେ ଆସକ୍ତା ନ ହୋଇ ଶୁଦ୍ଧାଚାରୀ ହେବାକୁ ଶିକ୍ଷା ଦେବା ନିମନ୍ତେ ତିତସକୁ ଅନୁରୋଧ କରନ୍ତି ।'' (ତିତସ ୨:୩)

ପ୍ରେରିତ ପାଉଲ ତିମଥିଙ୍କୁ ମଧ୍ୟ ଅନ୍ତିମ ସମୟର ଅଧାର୍ମିକ ମାନଙ୍କ ବିଷୟରେ ଲେଖନ୍ତି, ''ଶେଷ କାଳରେ ଲୋକମାନେ ଆତ୍ମ ପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଂକାରୀ, ନିନ୍ଦକ, ପିତାମାତାର ଅବାଧ, ଅକୃତଜ୍ଞ, ଅପବିତ୍ର, ସ୍ନେହଶୂନ୍ୟ, ଅମିଳନ ପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ, ବିଶ୍ୱାସଘାତକ, ଦୁଃସାହସୀ, ଦାମ୍ଭିକ ହେବେ ଓ ଈଶ୍ୱର ପ୍ରିୟ ନ ହୋଇ ବିଳାସପ୍ରିୟ ହେବେ ।'' (୨ୟ ତୀମଥି ୩:୧-୪)

ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି ବାପ୍ତିଜିତ ହୋଇଥିବା ଖ୍ରୀଷ୍ଟିୟାନମାନଙ୍କ ଜୀବନରେ, ଏହିସବୁ ଗୁଣ ଥିଲେ, ସେମାନେ ସ୍ୱର୍ଗରାଜ୍ୟରେ ପ୍ରବେଶକରି ପାରିବେ ନାହିଁ । (ପ୍ର.ବା. ୨୧:୮, ୧ମ ଯୋହନ ୩:୧୪) । ଆସ, ଆମ୍ଭେମାନେ ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କର ଗନ୍ତବ୍ୟ ପଥରେ ଧାବମାନ ହେଉ ।'' (ଏବ୍ରୀ ୧୨:୨)

**- Kabita Gootam**

❋ ❋ ❋

## ଏକ ମନୁଷ୍ୟ, ଯାହାଙ୍କ ବିଶ୍ୱାସ ଈଶ୍ୱର ତୁଷ୍ଟ
### (A man whose faith pleased God)

ମାଥିଉ ୮:୫-୧୦ ଓ ଲୂକ ୭:୧-୯ ପଦଗୁଡ଼ିକରେ ଏକ ଶତ ସେନାପତିଙ୍କ ବିଶ୍ୱାସ ବିଷୟରେ ଲିଖିତ ହୋଇଅଛି । ତାହାଙ୍କ ବିଶ୍ୱାସ ପ୍ରଶଂସନୀୟ । (୧) ତାହାଙ୍କ ଜୀବନ (୨) ତାହାଙ୍କ ବିଶ୍ୱାସ (୩) ବିଶ୍ୱାସର ପ୍ରତିଫଳ ବିଷୟରେ ଜ୍ଞାତ ହେବା ।

(୧) ଯିହୂଦୀମାନଙ୍କ ନିମନ୍ତେ ସେ ଏକ ଅନ୍ୟ ଜାତି ବା ବିଜାତୀୟ । ଦ୍ୱିତୀୟରେ, ସେ ଜଣେ ରୋମୀୟ ଶତ ସେନାପତି । ଯେଉଁମାନେ ସାଧାରଣତଃ,

ଗର୍ବୀ, କଠୋର, ଘୃଣ୍ୟଯୋଗ୍ୟ ଅଧିକାରୀ । ତୃତୀୟରେ ସେ ରୋମୀୟ ସେନାବଳର ଶତ ସେନାପତି । ଏହିସବୁ ଜାଣିବା ପୂର୍ବେ, ଆଉ ଏକ ବିଷୟ ଜାଣିବା ଅତ୍ୟାବଶ୍ୟକ ଯେ, ଆମ୍ଭେମାନେ ଏକ ସ୍ତରର ପ୍ରତ୍ୟେକ ଲୋକ ସମଭାବାପନ୍ନ ନୁହଁନ୍ତି । ପ୍ରତ୍ୟେକ ମନୁଷ୍ୟର ବ୍ୟକ୍ତିଗତ ସ୍ୱଭାବ ବିଶିଷ୍ଟ ।

ଯଦିଓ ସେ ବିଜାତୀୟ, ସେ ଯିହୂଦୀ ଜାତିକୁ ପ୍ରେମ କରୁଥିଲେ । (ଲୂକ ୭:୫) । ସେ ଅଧାର୍ମିକ ଜୀବନଯାପନ କରିବାର ଅବକାଶ ଥିଲେ ହେଁ, ସେ ଏକ ଧାର୍ମିକ ବ୍ୟକ୍ତି ଥିଲେ, କାରଣ, ଯିହୂଦୀମାନଙ୍କ ନିମନ୍ତେ ଏକ ସମାଜଗୃହ ତୋଳି ଦେଇଥିଲେ, ଯଦିଓ ସେ ଉଚ୍ଚସ୍ତର ଅଧିକାରୀ ସ୍ୱାବାଭିକ ଭାବେ ଗର୍ବୀ, କଠୋର ହୃଦୟୀ ନ ହୋଇ, ସେ ଏକ ନମ୍ର ବ୍ୟକ୍ତି ଥିଲେ, ସେ ଯୀଶୁଙ୍କୁ କହିଲେ, ''....ପ୍ରଭୋ, କଷ୍ଟ କରନ୍ତୁ ନାହିଁ, କାରଣ ଆପଣ ଯେ ମୋ ଘରେ ପାଦ ପକାଇବେ, ମୁଁ ଏପରି ଯୋଗ୍ୟ ନୁହେଁ । (ଲୂକ ୭:୬) ଯଦିଓ ସେ ଏକ କଠୋର ମାଲିକ ହେବାର ସମ୍ଭାବନା ଥିଲା, ସେ ଆପଣା ଦାସ ପ୍ରତି କରୁଣାହୃଦୟୀ ଥିଲେ । ଦାସ, ତାହାଙ୍କ ପ୍ରିୟ ପାତ୍ର ଥିଲେ ।

ସେ ଏକ ଅସାଧାରଣ ବ୍ୟକ୍ତି ଥିଲେ ତାହାଙ୍କ ଚରିତ୍ର, ପ୍ରେରିତ ୧୦ମ ଅଧ୍ୟାୟରେ ବର୍ଣ୍ଣିତ କର୍ଣ୍ଣେଲୀୟଙ୍କ ବ୍ୟକ୍ତିତ୍ୱ ସ୍ମରଣ କରାଏ । ସେ କିପରି ଏହିପରି ସଦ୍‌ଗୁଣର ଅଧିକାରୀ ହେଲେ, ଆମେ ନ ଜାଣୁ । କିନ୍ତୁ ତାହାଙ୍କ ଜୀବନ ଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ସବୁସ୍ଥାନରେ, ସବୁ ସମୟରେ ସଦ୍‌ଗୁଣ, ଧାର୍ମିକ ବ୍ୟକ୍ତିମାନଙ୍କୁ ଦେଖିପାରୁ । ଯୀଶୁ, ପ୍ରେରିତ ପାଉଲଙ୍କୁ କହିଥିଲେ, ''......ଯେଣୁ ଆମ୍ଭର ଅନେକ ଲୋକ ଏହି ନଗରରେ ଅଛନ୍ତି ।'' (ପ୍ରେରିତ ୧୮:୧୦) ଯଦିଓ କରିନ୍ଥୀ ନଗର ମୂର୍ତ୍ତିପୂଜା ଓ ଅଧାର୍ମିକତାରେ ପୂର୍ଣ୍ଣ ଥିଲା ।

ଦ୍ୱିତୀୟରେ, ତାହାଙ୍କ ଯୀଶୁଙ୍କ ପ୍ରତି ବିଶ୍ୱାସ ଉଲ୍ଲେଖ ଯୋଗ୍ୟ । ସେ ଯୀଶୁଙ୍କୁ ଆସି ତାହାଙ୍କ ଦାସକୁ ସୁସ୍ଥ କରିବା ଅନୁରୋଧ କରିଥିଲେ, ଅର୍ଥାତ୍ ଯୀଶୁଙ୍କ ଦୟାଳୁତ୍ୱ ଓ ସୁସ୍ଥ କରିବାର ଶକ୍ତି ଉପରେ ତାହାଙ୍କ ବିଶ୍ୱାସ ଥିଲା । ଯୀଶୁ ଥିଲେ କି ନାହିଁ, କହି ନ ପାରୁ । କିନ୍ତୁ ଯାହା ଆମେ ଶୁଣୁ, ତାହା ବିଶ୍ୱାସ କରିବା ପ୍ରତିଫଳ ଆମ୍ଭମାନଙ୍କ

ବିଶ୍ୱାସ ଅଭିବୃଦ୍ଧି କରିବାରେ ସୁଯୋଗ ପାଇପାରୁ ।

ଉଦାହରଣ ସ୍ୱରୂପ, ଆପଣ ଯୀଶୁଙ୍କ ବିଷୟରେ ପଢ଼ି ସେ ଜଣେ ଉତ୍ତମ ଓ ସାଧୁ ବ୍ୟକ୍ତି ବୋଲି ବିଶ୍ୱାସ କର, ଆପଣଙ୍କ ଏହି ବିଶ୍ୱାସ ଆପଣଙ୍କୁ ପରିତ୍ରାଣ କରି ନ ପାରେ । କିନ୍ତୁ ଆପଣଙ୍କ ସେହି ସ୍ୱଳ୍ପ ବିଶ୍ୱାସ ଧିରେ ଧିରେ ସେ ଯେ ଈଶ୍ୱଙ୍କ ପୁତ୍ର ଅଟନ୍ତି ବିଶ୍ୱାସ କରିବାରେ ସାହାଯ୍ୟ କରିବ । ଆପଣଙ୍କ ଏହି ବିଶ୍ୱାସର ଆଜ୍ଞାବହ ହେଲେ, ସ୍ୱର୍ଗ ଓ ପୃଥିବୀ ଅଧିକାରୀ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ ।

ଏହି ବିଶ୍ୱାସର ପ୍ରତିଫଳ ଅତି ବହୁମୂଲ୍ୟ । ଯୀଶୁ କହିଲେ, ''......ଯଦି ଗୋଟିଏ ସୋରିଷଦାନା ପରି ତୁମ୍ଭମାନଙ୍କର ବିଶ୍ୱାସ ଥାଏ । ତାହାହେଲେ ଏହି ତୁତକୋଳିର ଗଛକୁ ସମୂଳେ ଉପୁଡ଼ାଯାଇ ସମୁଦ୍ରରେ ରୋପିତ ହେଉ ବୋଲି କହିଲେ, ତାହା ତୁମ୍ଭମାନଙ୍କର ଆଜ୍ଞା ମାନିବା ।'' (ଲୁକ ୧୭:୬) । ଏଠାରେ ଯୀଶୁ ସ୍ୱଳ୍ପ ବିଶ୍ୱାସ ବିଷୟରେ ନ କହି, ସ୍ୱଳ୍ପ ବିଶ୍ୱାସ କଅଣ ସାଧନ କରିପାରେ ପ୍ରାଧାନ୍ୟ ଦେଇଅଛନ୍ତି । ସାରାଂଶ ହେଲା, ଆପଣ ସ୍ୱଳ୍ପ ବିଶ୍ୱାସ ଦ୍ୱାରା ଅନେକ ବିଷୟ ସାଧିତ ହୋଇପାରିବ ।

**- T. Pierce Brown**

❋ ❋ ❋

## ବାକ୍ୟଧ୍ୟାନର ପ୍ରାଧାନ୍ୟତା
### (Importance of Bible Study)

**ଆମ୍ଭେମାନେ ବାଇବଲରେ ଲିଖିତ ବାକ୍ୟ ଦ୍ୱାରା ବିଚାରିତ ହେବୁ :**

ଏହି ଧାରାରେ ଜନ୍ମିତ ପ୍ରତ୍ୟେକ ମନୁଷ୍ୟ, ବିଚାର ଦିନରେ ଯୀଶୁଖ୍ରୀଷ୍ଟଙ୍କ ବିଚାର ସିଂହାସନ ସମ୍ମୁଖରେ ଠିଆ ହେବ । ସମୟ ନିର୍ଣ୍ଣିତ ହୋଇଅଛି, କେହି ସେଥିରୁ ବଞ୍ଚିତ ନୋହିବ । (ପ୍ର.କା. ୧୭:୩୦, ୩୧, ରୋମୀୟ ୨:୧-୧୬; ୧୪:୧୧,୧୨) । ଏହା ଈଶ୍ୱରଙ୍କ ବାକ୍ୟ (ଯୋହନ ୧୨:୪୮), ଏହା ହିଁ ସୁସମାଚାର (ରୋମୀୟ ୨:୧୬) । ଏଥିରେ ଲିଖିତ ବାକ୍ୟ ମାନମାନଙ୍କ ନିମନ୍ତେ

ବିଚାରଣର ମାପ । ତେଣୁ କରି, ବାକ୍ୟଧ୍ୟାନ ପ୍ରାଧାନ୍ୟତାର ବିଷୟ । ତଦ୍‌ଭିନ୍ନ, ମାନବ ପଥହରା ହୋଇ, ଅନନ୍ତ ଶାସ୍ତି ବା ନରକ କୁଣ୍ଡରେ ନିକ୍ଷିପ୍ତ ହେବେ । ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ ତୀମଥି ୨:୧୫)

**ବାଇବଲରେ ଲିଖିତ ବାକ୍ୟ ଦ୍ୱାରା ପରିତ୍ରାଣ ପାଇ ପାରିବା :-**

ସୁସମାଚାର ଜ୍ଞାନ ବିନୁ, ମନୁଷ୍ୟମାନେ ବିନାଶ ହେବେ । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ଦତ୍ତ ପାପକ୍ଷମା ଓ ଅନନ୍ତଜୀବନ ବିଷୟରେ ଜ୍ଞାତ ହୋଇପାରିଥାଉଁ । ଯୀଶୁ କହିଲେ, ''ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ, ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ....'' । (ଯୋହନ ୫:୩୯) ''.....ସୁସମାଚାର ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ ।..............'' (ରୋମୀୟ ୧:୧୬) ପରିତ୍ରାଣ ଖ୍ରୀଷ୍ଟଙ୍କ ଠାରେ ଅଛି । (୨ ତୀମଥି ୨:୧୦) । ବାକ୍ୟରେ ଲିଖିତ ଖ୍ରୀଷ୍ଟଙ୍କ ବିଷୟରେ ଜ୍ଞାତ ହୋଇ, ମନୁଷ୍ୟ ପରିତ୍ରାଣ ପାଏ । (ଯୋହନ ୬:୪୪,୪୫)

**ଲିଖିତ ବାକ୍ୟ ଦ୍ୱାରା ବିଶ୍ୱାସ ଜାତ ହୁଏ :-**

ବିଶ୍ୱାସ ଜାତ ହେବା ନିମନ୍ତେ ବାଇବଲରେ ଲିଖିତ ବାକ୍ୟଧ୍ୟାନ ଆବଶ୍ୟକ । ''ବିଶ୍ୱାସ ବିନା ତାହାଙ୍କ (ପରମେଶ୍ୱରଙ୍କ) ସନ୍ତୋଷ ପାତ୍ର ହେବା ଅସମ୍ଭବ....'' (ଏବ୍ରୀ ୧୧:୬) ଏବଂ ''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟରୁ ହୁଏ ।'' (ରୋମୀୟ ୧୦:୧୭) । ବିଶ୍ୱାସ ବିନୁ ପରିତ୍ରାଣ ପାଇ ନ ପାରୁ । ତେଣୁକରି, ଲିଖିତ ବାକ୍ୟ ଧ୍ୟାନ ବିନୁ ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ ।

**ଲିଖିତ ବାକ୍ୟ ଦ୍ୱାରା ଅଭିବୃଦ୍ଧି ପାଇପାରୁ :-**

ଆତ୍ମିକ ଭାବେ ବୃଦ୍ଧି ପାଇବା ନିମନ୍ତେ ବାକ୍ୟଧ୍ୟାନ ଆବଶ୍ୟକ । ଈଶ୍ୱରଙ୍କ ପୁତ୍ରଙ୍କ ବିଷୟକ ଜ୍ଞାନ ଦ୍ୱାରା ଆମ୍ଭେମାନେ ଆତ୍ମିକ ଭାବେ ବୃଦ୍ଧି ପାଇପାରିଥାଉଁ । (ଏଫିସୀ ୪:୧୪,୧୫) । ତାହାଙ୍କ ସନ୍ତାନମାନେ ଜ୍ଞାନରେ ବୃଦ୍ଧି ପାଇବା ନିମନ୍ତେ

ସ୍ୱର୍ଗସ୍ଥ ପିତା, ଭାବବାଦୀମାନଙ୍କ ଦ୍ୱାରା ତାହାଙ୍କ ବାକ୍ୟ ଲିଖିତ କରାଇ ଅଛନ୍ତି । ପ୍ରଥମ ଶତାବ୍ଦୀରେ ଈଶ୍ୱର ନିଃଶ୍ୱସିତ ବାକ୍ୟ ଦ୍ୱାରା ଆମ୍ଭେମାନେ ବର୍ତ୍ତମାନ ଲାଭ ପାଉଅଛୁ । (୨ ତୀମଥି ୩:୧୬,୧୭ ଓ ୨ୟ ପିତର ୧୫,୧୬) । ନବଜାତ ଶିଶୁ ସଦୃଶ୍ୟ, ବାକ୍ୟ ରୂପ ଦୁଗ୍ଧ ପାନ କରି ଆତ୍ମିକ ଭାବେ ଅଭିବୃଦ୍ଧି ପାଇପାରୁ । "ନବଜାତ ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।" (୧ମ ପିତର ୨:୨)

**ବାକ୍ୟଧ୍ୟାନର ଫଳ ଆନନ୍ଦ :**

ଆତ୍ମାର ଫଳମାନଙ୍କ ମଧ୍ୟରୁ ଆନନ୍ଦ ଓ ଶାନ୍ତି ଅନ୍ୟତମ । (ଗାଲାତୀ ୫:୨୨) । ଏହି ଶାନ୍ତି ଅତୁଳନୀୟ ଓ ଶ୍ରେଷ୍ଠତମ । (ଫିଲିପ ୪:୭) । ବାକ୍ୟଧ୍ୟାନ ଦ୍ୱାରା ଆନନ୍ଦ ଓ ଶାନ୍ତି ପ୍ରାପ୍ତ ହୋଇଥାଏ ।" ପୁଣି, ପରିତ୍ରାଣ ରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର । ଜାଗତିକ ଆନନ୍ଦ ତତ୍‌କାଳୀନ । ଅନନ୍ତଜୀବୀ ଈଶ୍ୱର ହିଁ ଆମ୍ଭମାନଙ୍କ ସକ୍ଷମ । "ହେ ସଦାପ୍ରଭୁ, ମୁଁ ଜାଣେ, ମନୁଷ୍ୟର ଗତି ତାହାର ଆୟତ୍ତ ନୁହେଁ, ନିଜ ପାଦ ବିକ୍ଷେପ ସ୍ଥିର କରିବାର ଗମନକାରୀ ମନୁଷ୍ୟର ସାଧ୍ୟ ନୁହେଁ ।" (ଯିରିମିୟ ୧୦:୨୩) "ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ପଥ ପାଇଁ ଆଲୁଅ ଅଟେ ।" (ଗୀତ ୧୧୯:୧୦୫) । ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ, ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆନନ୍ଦ ଥାଏ ଓ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ ସେ ଧନ୍ୟ ।" (ଗୀତ ୧:୧-୨)

ବାକ୍ୟଧ୍ୟାନର ଏତେ ପ୍ରାଧାନ୍ୟତା ଥିବାରୁ, ଆପଣ କି ପ୍ରତିଦିନ ବାକ୍ୟଧ୍ୟାନ କରିବାକୁ ନିର୍ଣ୍ଣୟ ନେବେ ନାହିଁ ? "ହଜାର ହଜାର ସୁନା ଓ ରୂପା ଅପେକ୍ଷା ତୁମ୍ଭ ମୁଖରେ ବ୍ୟବସ୍ଥା ମୋ ପ୍ରତି ଉତ୍ତମ ।" (ଗୀତ ୧୧୯:୭୨) ।

**- H. Joe Spangler**

❋ ❋ ❋

# ‘‘....ଏଥିପାଇଁ ସେମାନଙ୍କୁ (ସନ୍ତାନମାନଙ୍କୁ) ସେ ଯେପରି ଆଜ୍ଞା ଦେବ...

## (That he may command His children)

‘‘ଯେହେତୁ ତାହାର ଭବିଷ୍ୟତ ସନ୍ତାନଗଣ ଓ ପରିବାରବର୍ଗ ଯେପରି ନ୍ୟାୟ ଓ ଧର୍ମାଚରଣ କରିବାକୁ ସଦାପ୍ରଭୁଙ୍କ ପଥରେ ଚାଲିବେ, ଏଥିପାଇଁ ସେମାନଙ୍କୁ ସେ ଯେପରି ଆଜ୍ଞା ଦେବ, ଏହି ଅଭିପ୍ରାୟରେ ଆମ୍ଭେ ତାହାଙ୍କୁ ନିର୍ଦ୍ଧାରଣ କରିଅଛୁ, ତହିଁରେ ସଦାପ୍ରଭୁ ଅବ୍ରାହମଙ୍କ ବିଷୟରେ ଆପଣା କଥିତ ବାକ୍ୟ ସିଦ୍ଧ କରିବେ ।’’ (ଆଦି ୧୮:୧୯) ସୈନ୍ୟାଧିପତି ସଦାପ୍ରଭୁ ସଦୋମ ଓ ହମୋରା ଦୁଷ୍ଟ ନଗରଦ୍ୱୟକୁ ବିନାଶ କରିବାକୁ ଉଦ୍ୟତ ଥିଲେ । ଏହି ବିଷୟକି ସେ ଅବ୍ରାହମଙ୍କ ଠାରୁ ଲୁଚାଇବେ ? ବିଶ୍ୱାସୀମାନଙ୍କ ପିତାଙ୍କ ଠାରୁ ସେ ଏହି ବିଷୟ ନ ଲୁଚାଇ, ତାହାଙ୍କୁ ଜଣାଇଥିଲେ ।

**ସଦାପ୍ରଭୁ ଅବ୍ରାହମଙ୍କୁ ଜାଣିଥିଲେ :-**

ବିଶ୍ୱାସର ଯୋଦ୍ଧା ଅବ୍ରାହମଙ୍କୁ ସଦାପ୍ରଭୁ ଭଲ ରୂପେ ଜାଣିଥିଲେ । ସେ ଆଜ୍ଞାବହ ତଥା ବିଶ୍ୱାସର କର୍ମକାରୀ ଥିଲେ । ସେ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ ରଖି, ଆପଣା ସ୍ୱଦେଶ, ସ୍ୱଜନ ପରିତ୍ୟାଗ କରି ଦୂର ଦେଶରେ ନିବାସ କରୁଥିଲେ । ସେ ଆପଣା ଭାବି ସନ୍ତାନମାନଙ୍କୁ ମଧ୍ୟ ଧାର୍ମିକତାର ପଥରେ କଢ଼ାଇ ନେବେ ବୋଲି ସଦାପ୍ରଭୁ ଜାଣିଥିଲେ, ଅବ୍ରାହାମ ଆପଣା ସନ୍ତାନମାନଙ୍କ ସହ ଆପଣା ପରିଜନ ଓ ଦାସୀମାନଙ୍କୁ ସଦାପ୍ରଭୁଙ୍କ ମାର୍ଗରେ କଢ଼ାଇଥିଲେ । ସଦାପ୍ରଭୁ କି ଆପଣଙ୍କୁ ଜାଣନ୍ତି ? ପିତାମାନେ, ତୁମ୍ଭେମାନେ ଆପଣା ଆପଣା ସନ୍ତାନମାନଙ୍କୁ ଧାର୍ମିକତାର ପଥରେ ଚଲାଉଅଛନ୍ତି ବୋଲି କି ସ୍ୱର୍ଗସ୍ଥ ପିତା ଜାଣନ୍ତି ?

**ସଦାପ୍ରଭୁ ଅବ୍ରାହମଙ୍କ ଉପରେ ଭରସା କଲେ :-**

ଅବ୍ରାହାମ, ତାହାଙ୍କ ପୁତ୍ରଙ୍କୁ ବଳି ଦେବାରେ ପଛେଇବେ ନାହିଁ ବୋଲି ସଦାପ୍ରଭୁ ଜାଣିଥିଲେ । ସଦାପ୍ରଭୁଙ୍କ ପରିଚର୍ଯ୍ୟାରେ ଅବ୍ରାହମ ହୃଦୟ ଯେ ପ୍ରତିଷ୍ଠିତ ହୋଇଲେ, ଏହା ସେ ଜାଣିଥିଲେ । ସେ ଏକ ନିଷ୍କପଟ, ସରଳ ହୃଦୟୀ, ଧାର୍ମିକତାର ଜୀବନଯାପନ କରିବା ବ୍ୟକ୍ତି ସଦାପ୍ରଭୁ ଜ୍ଞାତ ଥିଲେ । ସେ କଦାପି ଏକ ଅସ୍ଥିର ମନୁଷ୍ୟ ନ ଥିଲେ । ତାହାଙ୍କ ଜୀବନରେ କାହାକୁ ପ୍ରଧାନ ସ୍ଥାନ ଥିଲା, ତାହାଙ୍କ

ସନ୍ତାନମାନେ ତାହା ଜାଣି ତାହାଙ୍କୁ ଅନୁସରଣ କରିବେ । ପ୍ରିୟ ପିତାମାତାମାନେ ଆଦର୍ଶମୟ ଉଦାହରଣରେ କେତେ ଶକ୍ତି ଅଛି । ଆମ୍ଭମାନଙ୍କ ସନ୍ତାନମାନେ ଅନ୍ଧ ନୁହଁନ୍ତି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭମାନଙ୍କ ଜୀବନ ଶୈଳୀ ଦ୍ୱାରା ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ ଯେଉଁ ପ୍ରଧାନ ସ୍ଥାନ ଅଛି, ସେମାନେ ଦେଖୁଅଛନ୍ତି । ଆମ୍ଭମାନଙ୍କ ବାକ୍ୟଧ୍ୟାନ, ଗୀତଗାୟନ ଦୈନିକ ପାରିବାରିକ ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ସଦାପ୍ରଭୁଙ୍କୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଇ ପାରିଥାଉଁ ।

**ଅବ୍ରାହାମଙ୍କୁ ଆଶୀର୍ବାଦ କରିଥିଲେ :**

ସଦାପ୍ରଭୁଙ୍କ ଠାରୁ ଆଶୀର୍ବାଦ ଓ ଆଜ୍ଞାବହତା ପରସ୍ପର ସଂଲଗ୍ନ । ଇସ୍‌ହାକ ଏକ ବିଶ୍ୱସ୍ତ ଓ ଆଜ୍ଞାବହ ଜୀବନଯାପନ କରିପାରିଥିଲେ । ସେ କି ଆପଣା ପିତାଙ୍କ ପାଦଚିହ୍ନ ଅନୁସରଣ କରି ନଥିଲେ ? ନିଶ୍ଚିତ ଭାବେ, ସଦାପ୍ରଭୁ ଅବ୍ରାହାମ, ତାହାଙ୍କ ପୁତ୍ର ଇସ୍‌ହାକଙ୍କୁ ଓ ତାହାଙ୍କ ସନ୍ତାନ ଯାକୁବ ବହୁଳଭାବେ ଆଶୀର୍ବାଦ କରିଥିଲେ । ସେମାନେ ସଦାପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ ଏହି ବଂଶ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ ।

ସଦାପ୍ରଭୁ, ଆପଣଙ୍କୁ ମଧ୍ୟ ଆଶୀର୍ବାଦ କରିବାକୁ ଇଚ୍ଛୁକ ଅଟନ୍ତି । ଆପଣ କି ଆପଣଙ୍କ ସନ୍ତାନମାନଙ୍କ ନିମନ୍ତେ ଏକ ଉତ୍ତମ ଆଦର୍ଶ ପିତା ଅଟନ୍ତି ? ପିତାମାତାମାନେ ଆପଣା ସନ୍ତାନମାନଙ୍କୁ ମଣ୍ଡଳୀ ଉପାସନା ଓ ଅନ୍ୟ ସଭା ମାନଙ୍କରେ ଯୋଗ ଦେବାରେ କି ଉତ୍ସାହିତ କରୁଅଛନ୍ତି ?

**- Loy Mitchel**

❋ ❋ ❋

## ତାହାଙ୍କ ମନସ୍ଥ ଥିଲା

**(It was in his mind)**

ରାଜା ଶଲୋମନ ଯିରୂଶାଲମରେ ଏକ ସଦାପ୍ରଭୁଙ୍କ ମନ୍ଦିର ଗଢ଼ି, ପ୍ରତିଷ୍ଠିତ କରିବା ଦିନ କହିଲେ,''ସଦାପ୍ରଭୁ ପରମେଶ୍ୱରଙ୍କ ନାମ ଉଦ୍ଦେଶ୍ୟରେ ଗୋଟିଏ ଗୃହ ନିର୍ମାଣ କରିବାକୁ ମୋ ପିତା ଦାଉଦଙ୍କର ମନସ୍ଥ ଥିଲା ।'' (ଦ୍ୱି.ବ. ୬:୭)

ସଦାପ୍ରଭୁଙ୍କ ମହୋତ୍ତମ କାର୍ଯ୍ୟ ସମ୍ପନ୍ନରେ ପୂର୍ବେ, କୌଣସି ଏକ ବ୍ୟକ୍ତିଙ୍କ ଯୋଜନା ରହିଥାଏ । ସଦାପ୍ରଭୁଙ୍କ ଗୌରାବାର୍ଥେ କାର୍ଯ୍ୟ କରିବାକୁ ତାହାଙ୍କ ବିଶ୍ୱସ୍ତ ସେବକମାନେ ସଦା ଚେଷ୍ଟିତ । ପବିତ୍ର ସଦାପ୍ରଭୁଙ୍କ ଗୌରବାର୍ଥେ ଏବଂ ତାହାଙ୍କ ଜୀବନରେ କରିଥିବା ସମସ୍ତ ମଙ୍ଗଳଦାନ ନିମନ୍ତେ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିବାକୁ ସେ ମନସ୍ଥ କରିଥିଲେ । ସଦାପ୍ରଭୁଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କରିବା ପୂର୍ବେ ଆପଣା ନିମନ୍ତେ ଗୃହ ନିର୍ମାଣ କରିବା ସେ ଇଚ୍ଛୁକ ନ ଥିଲେ ।

ତାହାଙ୍କ ହୃଦୟର ସଂକଳ୍ପ ସ୍ୱଳ୍ପ ନ ଥିଲା । ମହାନ ପରମେଶ୍ୱରଙ୍କ ନିମନ୍ତେ ଏକ ସାଧାରଣ ମନ୍ଦିର ଗଢ଼ିବା ତାହାଙ୍କ ସଂକଳ୍ପ ନ ଥିଲା । ସେ କହିଲେ,''....ମୋ ପୁତ୍ର ଅଳ୍ପ ବୟସ୍କ ଓ କୋମଳ, ପୁଣି ସଦାପ୍ରଭୁଙ୍କ ନିମନ୍ତେ ଯେଉଁ ଗୃହ ନିର୍ମାଣ କରାଯିବ, ତାହା କୀର୍ତ୍ତି ଓ ଗୌରବ ହେତୁରୁ, ସମଗ୍ର ଦେଶରେ ଅତିଶୟ ପ୍ରତିପାନ୍ୱିତ ହେବ; ଏହେତୁ ମୁଁ ତହିଁ ପାଇଁ ଆୟୋଜନ କରିବି ।'' (୧ମ ବଂ.ବ. ୨୨:୫) କିନ୍ତୁ ତାହାଙ୍କ ସଂକଳ୍ପନୁଯାୟୀ ସଦାପ୍ରଭୁଙ୍କ ନିମନ୍ତେ ମନ୍ଦିର ନିର୍ମାଣ କରିବା ନିମନ୍ତେ, ସଦାପ୍ରଭୁ ଅନୁମତି ଦେଲେ ନାହିଁ । କାରଣ ଦାଉଦ ଏକ ଯୁଦ୍ଧବୀର, ତାହାଙ୍କ ହସ୍ତ ରକ୍ତରେ ଥିଲା । (୧ମ ବଂ.ବ. ୨୮:୩) କିନ୍ତୁ ଦାଉଦ ନିରୁତ୍ସାହ ନ ହୋଇ, ମନ୍ଦିର ନିମନ୍ତେ ବିସ୍ତାର ଭାବେ ଆୟୋଜନ କରିଥିଲେ ଯଦ୍ୱାରା ଶଲୋମନ ମନ୍ଦିର ନିର୍ମାଣ କରିବାରେ ସଫଳ ହୋଇଥିଲେ । ସଦାପ୍ରଭୁଙ୍କ ନିମନ୍ତେ ସେ ସମସ୍ତ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ ।

ଯଦିଓ ସଦାପ୍ରଭୁ, ଦାଉଦଙ୍କୁ ମନ୍ଦିର ନିର୍ମାଣ କରିବାକୁ ଅନୁମତି ଦେଇ ନ ଥିଲେ, ତାହାଙ୍କ ପ୍ରଶଂସା କରି କହିଥିଲେ,''ତୁମ୍ଭର ଏହି ମନସ୍ଥ କରିବା ଉତ୍ତମ ।'' (୨ୟ ବଂ.ବ. ୬:୯) ଯେଉଁମାନେ ସଦାପ୍ରଭୁଙ୍କ ଅନ୍ୱେଷଣ କରନ୍ତି ଓ ତାହାଙ୍କ ସେବା କରିବାରେ ଇଚ୍ଛୁକ ଅଟନ୍ତି, ସେମାନଙ୍କ ପ୍ରତ୍ୟେକଙ୍କ ନିମନ୍ତେ ଦାଉଦ ଏକ ଜ୍ୱଳନ୍ତ ଉଦାହରଣ ।

ସଦାପ୍ରଭୁଙ୍କ ନିମନ୍ତେ ଆମ୍ଭେ ଯେଉଁ କାର୍ଯ୍ୟ କରିବାକୁ ସଂକଳ୍ପ କରିଅଛୁ ? ଆମ୍ଭମାନଙ୍କ ଜୀବନର ଉଦ୍ଦେଶ୍ୟ କଅଣ ? ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ନିମନ୍ତେ କାର୍ଯ୍ୟ ନିମନ୍ତେ ମନସ୍ଥ କରୁ ।

**- Bill Mc Farland**

2. They have mixed themselves with earthly pleasures and among the heathen (Hos. 7:8).

E. They have become corrupt as in the days of Gibeah (Hos.9:9).

1. In the day of Judges, the tribe of Benjamin was almost eliminated due to their sin (Jud. 19,20).
2. The Lord is going to destroy the generation of Hosea in the same manner (Hos. 9:9b)

F. They were backsliding.

1. The Lord loved Israel (Hos. 11:1)
2. He called them out of Egypt but they sacrificed unto false gods (Hos. 11:2)
3. Hosea mentions that Israel was keen to backslide and turn away from God (Hos. 11:7)

G. They worshipped other gods.

1. The Ten Commandments to Israel explain them not to worship other gods nor make idols and bow down to them (Exo.20:1-4).
2. But they made molten images and worshipped them (Hos. 13:2a).

a. Their sin has grown more and more (Heb.13:2a).
b. They used silver to make their idols (Heb. 13:2b).
c. They made them by their own understanding and imagination (Heb.13:2c).
d. They would sacrifice and kiss those idols (Heb. 13:2d).

II. The Symbolizing of Israel's rejection by God.

A. Hosea was commanded by the Lord to marry a woman from the family of harlots (Hos. 1:2).

1. Hosea married Gomer the daughter of Diblaim (Hos. 1:3a).
2. She is from a family of harlots (Hos. 1:2a).
3. It appears that she was not harlot when Hosea married her.

B. Gomer bore Hosea's first born (Hos. 1:3b).

1. The Lord commanded that he name his son Jezreel (Hos. 1:4a).
2. The Lord commanded that it will symbolize that Lord avenged the blood of Jezreel spilled by Jehu (Hos. 1:4b).

a. Jehu was ordered by God to kill the sons of Ahab and he performed it (2Ki. 10:1-8).
b. But he rebelled against the Lord and did not walk in the Word of God (2Ki. 10:32).

C. Gomer conceived the second time and bore a daughter (Hos. 1:6a).

1. The Lord commanded to name her Loruhamah (Hos. 1:6b).
2. This name means "no mercy" (Hos. 1:6b).
3. It symbolizes that God would have no pity on Israel (Hos. 1:6c).
4. But the Lord spared Judah (Hos. 1:7).

D. Gomer conceived the third time and bore another son (Hos. 1:9a).

III. Hosea foretells the restoration of Israel and symbolized it by forgiving Gomer.

A. The Lord promised to love Israel and be gentle to her (Hos. 2:14).
   1. He will restore her vineyard (Hos. 2:15).
   2. He will take away here sins and remember them no more (Hos. 2:17)
   3. He will betroth Israel to Himself forever (Hos. 2:19).
B. Hosea is charged to love his adulterous wife by the Lord (Hos. 3;1).
   1. He buys her back and takes her back (Hos. 3:2,3).
   2. But he gave her a few instructions.
   a. She was to abide for a few days (Hos. 3:3b).
   b. She was not to play the harlot (Hos. 3:3c).
   c. She shall not be for another man (Hos. 3.3d).
C. This symbolizes God's willingness to take Israel back (Hos. 3:4-5).
   1. Israel would go under the Assyrian captivity but the Lord will get them back.
   2. The children of Israel would be without a king (Hos. 3:4a).
   3. They will be without a ruler (Hos. 3:4b).
   4. They will be without sacrifice & priest (Hos. 3:4c,d).
D. Lessons to learn.
   A. As Christians we are betrothed to Christ (2Cor. 11:2).
   B. If we are not careful we would fall into spiritual adultery (2Cor.11:3).
   C. The Hebrew writer warns us that there is no escape if we neglect the great salvation God has provided (Heb.2:3,4).

Ronnie Gootam

**_Printed Book Only_**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)